## ଅଷ୍ଟମ ଅଧ୍ୟାୟ

# ଆମ ଦେଶର ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କ ଜୀବନଧାରା

ଭାରତ ଗୋଟିଏ ବିଶାଳ ଦେଶ । ଏହାର ସବୁ ଅଞ୍ଚଳର ଭୂମିରୂପ, ପରିବେଶ, ଜଳବାୟୁ ସମାନ ନୁହେଁ । ଏହି ସବୁ କାରଣଗୁଡ଼ିକ ଲୋକଙ୍କର ଜୀବନ ଯାପନ ଶୈଳୀ ଉପରେ ପ୍ରଭାବ ପକାଏ । ଏଣୁ ବିଭିନ୍ନ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ଜୀବନଯାପନ ଶୈଳୀ ଏକ ପ୍ରକାର ନ ହୋଇ ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ । ଜୀବନ ଯାପନ ଶୈଳୀ କହିଲେ ଲୋକମାନଙ୍କ ଜୀବିକା, ପୋଷାକ, ଖାଦ୍ୟ, ଚଳିଚଳନ, ପର୍ବପର୍ବାଣୀ ଇତ୍ୟାଦିକୁ ବୁଝାଏ । ଆସ ଆମେ ଭାରତର କେତେକ ଅଞ୍ଚଳର ଜୀବନଯାପନ ଶୈଳୀ ବା ଜୀବନଧାରା ବିଷୟରେ ଜାଣିବା ।

### ହିମାଳୟ ପାର୍ବତ୍ୟ ଅଞ୍ଚଳର ଅଧିବାସୀମାନଙ୍କ ଜୀବନଧାରା





ହିମାଳୟ ପାର୍ବତ୍ୟ ଅଞ୍ଚଳ ପାହାଡ଼, ପର୍ବତ ଓ ଜଙ୍ଗଲରେ ପୂର୍ଣ୍ଣ । ଚାଷଜମି ଖୁବ୍ କମ୍ ଥାଏ । ଏହି ଅଞ୍ଚଳରେ ପଶ୍ଚିମ ଭାଗରେ ଖୁବ୍ କମ୍ ବର୍ଷାହୁଏ । କେତେକ ଲୋକ ମେଣ୍ଢା ପାଳନ କରି ଜୀବାକା ନିର୍ବାହ କରନ୍ତି । ମେଣ୍ଢାଲୋମରୁ ସୂତାକାଟି ଗାଲିଚା, ପଶମ ଲୁଗା ବୁଣନ୍ତି । ଏ ଅଞ୍ଚଳରେ ଥିବା କାଶ୍ମୀର ରାଜ୍ୟର ଲୋକେ ପଶମ କନାର ଲୁଗା ପିନ୍ଧନ୍ତି । ଏମାନେ କାଶ୍ମିରୀ ଭାଷା କହନ୍ତି । ଏମାନଙ୍କ ପ୍ରଧାନ ଖାଦ୍ୟ ହେଲା ରୁଟି । ଏହି ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ । ଏଠିକୁ ବର୍ଷସାରା ବହୁ ପର୍ଯ୍ୟଟକ ଆସନ୍ତି । ଏଣୁ ପର୍ଯ୍ୟଟକମାନଙ୍କ ଦେଖାଶୁଣା କରିବା ଏମାନଙ୍କ ଏକ ପ୍ରକାର ଜୀବିକା । ଫୁଲ, ଫଳ ଚାଷ ମଧ୍ୟ ଏମାନେ କରଥାଆନ୍ତି ।

କାଶ୍ମୀର ପାଖରେ ଥିବା ହିମାଚଳ ପ୍ରଦେଶର ସ୍ତ୍ରୀଲୋକମାନେ ଲମ୍ବା ପୋଷାକ ପିନ୍ଧନ୍ତି । ଓଢ଼ଣୀ ପକାନ୍ତି । ପୁରୁଷ ଲୋକେ ଲମ୍ବା ପୋଷାକ ସହ ମୁଣ୍ଡରେ ଟୋପି ପିନ୍ଧନ୍ତି । ଦଶହରା ଏଠାକାର ପ୍ରଧାନ ପର୍ବ । ଏହା ବ୍ୟତୀତ ହୋଲି ଓ ଇଦ୍ ମଧ୍ୟ ପାଳନ କରାଯାଏ । ଏଠାକାର ଲୋକମାନଙ୍କର ମୁଖ୍ୟ ଭାଷା ହିନ୍ଦୀ । ଉତ୍ତରାଞ୍ଚଳ ରାଜ୍ୟରେ ଅନେକ ତୀର୍ଥସ୍ଥାନ ଥିବାରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ବର୍ଷର ଅଧିକାଂଶ ସମୟରେ ଆସନ୍ତି । ଏଣୁ ଲୋକେ ବ୍ୟବସାୟ କରି ଚଳନ୍ତି । ହିମାଳୟ ପାର୍ବତ୍ୟ

ଅଞ୍ଚଳର ପୂର୍ବଭାଗରେ ବହୁ ଜାତିର ଆଦିବାସୀ ବାସ କରନ୍ତି । ସେମାନଙ୍କ ଭାଷା ମଧ୍ୟ ଭିନ୍ନ ଭିନ୍ନ । ଆସାମର ଲୋକେ ଅସମୀୟା ଭାଷା, ମଣିପୁର ରାଜ୍ୟର ଲୋକେ ମଣିପୁରୀ, ମିଜୋରାମର ଲୋକେ ମିଜୋ, ମେଘାଳୟ ରାଜ୍ୟର ଲୋକେ ଗାରୋ ଓ ଖାସି ଭାଷା କହନ୍ତି । ତ୍ରିପୁରାର ପ୍ରଧାନ ଭାଷା ହେଉଛି ବଙ୍ଗଳା । ଏହି ପାର୍ବତ୍ୟ ଅଞ୍ଚଳର ଅଧିକାଂଶ ଲୋକ ବାଉଁଶ ତିଆରି ଘର କରି ରହନ୍ତି । ଘରର ଛାତଗୁଡ଼ିକ ଗଡ଼ାଣିଆ । ନାଗାମାନେ ବାଉଁଶ ଓ ବେତରୁ ସୁନ୍ଦର ସୁନ୍ଦର ଜିନିଷ ତିଆରି କରି ଜୀବିକା ନିର୍ବାହ କରନ୍ତି । ଏ ଅଞ୍ଚଳରେ ଥିବା ଚା’ବଗିଚାଗୁଡ଼ିକରେ ଅନେକ ଲୋକ କାମ କରି ଥାଆନ୍ତି । ଭାତ ଏମାନଙ୍କର ପ୍ରଧାନ ଖାଦ୍ୟ ।

ହିମାଳୟ ପାର୍ବତ୍ୟ ଅଞ୍ଚଳର ଲୋକେ ନାଚ ଗୀତକୁ ଭଲ ପାଆନ୍ତି । ମଣିପୁରୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ମିଜୋରାମ ଓ ନାଗାଲାଣ୍ଡର ବାଉଁଶନାଚ ଆମ ଦେଶର ଘରିଆଡ଼େ ଆଦର ଲାଭ କରିଛି । ଆସାମରେ ଲୋକେ ବିହୁ ପର୍ବ ପାଳନ କରନ୍ତି । ନାଗାଲାଣ୍ଡ ଓ ମିଜୋରାମରେ ଖ୍ରୀଷ୍ଟମାସ ପର୍ବ ପାଳନ କରାଯାଏ ।

## ପଶ୍ଚିମସ୍ଥ ମରୁଭୂମି ଅଞ୍ଚଳର ଅଧିବାସୀଙ୍କ ଜୀବନ ଧାରା -





ରାଜସ୍ଥାନର ଅଧିକାଂଶ ଅଞ୍ଚଳ ମରୁଭୂମି । ମରୁ ଅଞ୍ଚଳରେ ଲୋକମାନେ ସ୍ଥାୟୀଭାବରେ ବସବାସ କରନ୍ତି ନାହିଁ । ଏମାନେ ଛେଳି, ମେଣ୍ଢା ପାଳନ କରନ୍ତି । ସ୍ଥାନରୁ ସ୍ଥାନକୁ ବୁଲି ପଶୁମାନଙ୍କୁ ଚରାନ୍ତି । ଏମାନଙ୍କୁ ଯାଯାବର କହନ୍ତି । ଏମାନେ ଓଟ ପାଳନ କରନ୍ତି । ଓଟ ପିଠିରେ ବସି ଯିବା ଆସିବା କରନ୍ତି । ଏମାନେ ଓଟ କ୍ଷୀର ଓ ମାଂସ ଖାଆନ୍ତି । ମରୁଭୂମିର ଠାଏ ଠାଏ ଥିବା ମରୁଦ୍ୟାନ ଅଞ୍ଚଳରେ ଲୋକେ ସ୍ଥାୟୀଭାବରେ ବାସ କରନ୍ତି । ଖଜୁର, ବାଜରା, ମକା ପ୍ରଭୃତି ଚାଷ କରନ୍ତି । ଘରର ଛାତ ସମତଳ । ରାଜସ୍ଥାନର ଅନ୍ୟ ଅଞ୍ଚଳର ଲୋକମାନେ ସ୍ଥାୟୀଭାବରେ ମାଟି ତିଆରି ଘର କରି ରହନ୍ତି । ପୁରୁଷମାନେ ଲମ୍ବା ପଗଡ଼ି ବାନ୍ଧି ଧୋତି ଓ କୁର୍ତ୍ତା ପିନ୍ଧନ୍ତି । ସ୍ତ୍ରୀଲୋକମାନେ ଚକଚକିଆ ପୋଷାକ ପିନ୍ଧନ୍ତି । ଏ ଅଞ୍ଚଳର ଲୋକମାନଙ୍କର ମୁଖ୍ୟ ଖାଦ୍ୟ ରୁଟି । ଅଧିକାଂଶ ଲୋକ ନିରାମିଷ ଖାଦ୍ୟ ଖାଆନ୍ତି । ଏମାନଙ୍କର ଭାଷା ହେଉଛି ହିନ୍ଦୀ । ଅଧିକାଂଶ ଲୋକ ଖଣି, ଖାଦାନରେ କାମ କରି ଜୀବିକା ନିର୍ବାହ କରନ୍ତି । ଦଶହରା, ଦୀପାବଳୀ, ହୋଲି ଓ ଇଦ୍‌ପର୍ବ ପାଳନ କରନ୍ତି ।

## ଆମେ କ’ଣ ଶିଖିଲେ -

ଭୂମିରୂପ, ଜଳବାୟୁ ଅଧିବାସୀମାନଙ୍କ ଜୀବନଧାରାକୁ ପ୍ରଭାବିତ କରେ । ଏଣୁ ଅଧିବାସୀମାନଙ୍କ ଜୀବନଧାରା ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ ।

# ଅଭ୍ୟାସ

**୧. ଶୂନ୍ୟସ୍ଥାନ ପୂରଣ କର: -**

କ) କାଶ୍ମୀରର ପୁରୁଷମାନେ.................ପୋଷାକ ପିନ୍ଧନ୍ତି ।

ଖ) କାଶ୍ମୀର ଲୋକମାନେ.................ପାଳନ କରି ଜୀବିକା ନିର୍ବାହ କରନ୍ତି ।

ଗ) ଆସାମର ଲୋକେ.................ପର୍ବ ପାଳନ କରନ୍ତି ।

ଘ) ବାଉଁଶ ଓ ବେତରୁ ବିଭିନ୍ନ ଜିନିଷ.................ମାନେ ତିଆରି କରନ୍ତି ।

ଙ) ଓଟ ମାଂସ, ଦୁଧ.................ଅଞ୍ଚଳର କେତେକ ଲୋକ ଖାଆନ୍ତି ।

**୨. ଉତ୍ତର ଦିଅ: -**

କ) ମରୁଭୂମି ଅଞ୍ଚଳର କେତେକ ଲୋକ ଯାଯାବର ଜୀବନ ଯାପନ କାହିଁକି କରନ୍ତି ?

ଖ) ମରୁଭୂମି ଅଞ୍ଚଳର ଲୋକେ କାହିଁକି ଢିଲା ପୋଷାକ ପିନ୍ଧନ୍ତି ?

ଗ) ପାର୍ବତ୍ୟ ଅଞ୍ଚଳର ଲୋକମାନେ ଗଡ଼ାଣିଆ ଛାତର ଘର ତିଆରି କରନ୍ତି କାହିଁକି ?

ଘ) କାଶ୍ମୀରକୁ କାହିଁକି ଅଧିକ ପର୍ଯ୍ୟଟକ ଆସନ୍ତି ?

୩)　“କ” ସ୍ତମ୍ଭରେ ଥିବା ଅଧିବାସୀମାନଙ୍କୁ “ଖ” ସ୍ତମ୍ଭର ଭାଷା ସହ ଯୋଡ଼ ।

| “କ”ସ୍ତମ୍ଭ | “ଖ”ସ୍ତମ୍ଭ |
| --- | --- |
| ତ୍ରିପୁରା | ମଣିପୁରୀ |
| ହିମାଚଳ | ଗାରୋ |
| ମଣିପୁର | ବଙ୍ଗଳା |
| ମେଘାଳୟ | ମିଜୋ |
| ମିଜୋରମ୍ | ହିନ୍ଦୀ |
| | ଅସମୀୟା |